

କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
-ଯୀଶୁଖ୍ରୀଷ୍ଟ



# ଚାଲିଛି ରାସ୍ତା କାମ, ଧୂଳିରେ ଲୋକେ ହନ୍ତସନ୍ତ

ଜୟପୁର,୧୬।୨(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁରଠାରୁ ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଚାଲିଛି । ଧୂଳିଧୂସର ଉଡୁଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏନେଇ ଲୋକେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ଏହି ରାସ୍ତା ଆନ୍ଧ୍ରପ୍ରଦେଶ, ଓଡିଶା ଏବଂ ଛତିଶଗଡ ରାଜ୍ୟକୁ ସଂଯୋଗ କରୁଥିବାରୁ ଦୈନିକ ହଜାରରୁ ଊର୍ଦ୍ଧ୍ୱ ଯାନବାହାନ ଯାତାୟାତ କରୁଛି । ଜୟପୁରରୁ ବୋରିଗୁମ୍ମା ପର୍ଯ୍ୟନ୍ତ ରାସ୍ତା କାମ ଚାଲିଛି । ଏଥିଲାଗି ୬୭ କୋଟି ଟଙ୍କା ବ୍ୟୟ କରାଯାଇଛି । ଏଥିରେ ପିଚୁରାସ୍ତାର ଓସାର ୧୦ରୁ ୧୩ ମିଟରକୁ ବୃଦ୍ଧି କରାଯାଇଛି । ସେହିପରି ପିଚୁକୁ ଲାଗି ଉଭୟ ପଟେ ଦେଢମିଟର ଲେଖାଏଁ କଂକ୍ରିଟ ରହିବ। ହେଲେ ସମ୍ପୃକ୍ତ ଠିକା ସଂସ୍ଥା ଉକ୍ତ ରାସ୍ତାରେ ପାଣି ପକାଉ ନ ଥିବାରୁ ପ୍ରବଳ ଧୂଳି ଉଡୁଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଟ୍ୟାଙ୍କର ମାଧ୍ୟମରେ ପାଣି ସିଞ୍ଚନ ନିମନ୍ତେ ଚୁକ୍ତିନାମାରେ ମଧ୍ୟ ଉଲ୍ଲେଖ ରହିଛି । ଠିକାସଂସ୍ଥା ପକ୍ଷରୁ ଆବଶ୍ୟକ ଅନୁଯାୟୀ ପାଣି ସିଞ୍ଚନ କରାଯାଉ ନ ଥିବାରୁ ଧୂଳିରେ ରାସ୍ତା ଦେଖାଯାଉନାହିଁ। ସେହି ରାସ୍ତା ଦେଇ ଯାଉଥିବା ଶ୍ୱାସଜନିତ ରୋଗୀଙ୍କ ସମେତ ସାଧାରଣ ଲୋକେ ଅସୁବିଧା ଭୋଗୁଛନ୍ତି । କିନ୍ତୁ ବିଭାଗର ଅଣଦେଖା ଯୋଗୁଁ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ହରଡାପୁଟ ଛକଠାରୁ ବୋରିଗୁମ୍ମା ପର୍ଯ୍ୟନ୍ତ ୧୦ କିଲୋମିଟର ରାସ୍ତାରେ ବେଶୀ ଧୂଳି ଉଡୁଛି । ଏନେଇ ଲୋକେ ବାରମ୍ବାର ଅଭିଯୋଗ କରିବାରୁ ଅତିଶୀଘ୍ର ରାସ୍ତାରେ ପିଚୁ କାର୍ଯ୍ୟ ଆରମ୍ଭ ହୋଇଯିବ ବୋଲି ସଫେଇ ଦିଆଯାଉଛି । ତେଣୁ ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି । ଏ ନେଇ ଜାତୀୟ ରାଜପଥ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯିବାରୁ ସେ ଫୋନ ଉଠାଇ ନ ଥିଲେ । ସେହିପରି ସହକାରୀ ଯନ୍ତ୍ରୀ ଗୌତମ ବିଶ୍ୱାଳଙ୍କୁ ପଚାରିବାରୁ, ପାଣି ପ୍ରତ୍ୟୋକ ଦିନ ଆବଶ୍ୟକ ଅନୁଯାୟୀ ସିଞ୍ଚନ କରାଯାଉଛି । କିନ୍ତୁ ପ୍ରବଳ ଖରା ଯୋଗୁ ତାହା ଶୁଖିଯାଉଥିବା କହିଛନ୍ତି ।



ରାସ୍ତାରେ ଧୂଳି ଉଡୁଛି ।

## ସଂକ୍ଷେପରେ

### ଦୋକାନ ଘର ପାଇଁ ଆରମ୍ଭ ହେବ ଟେଣ୍ଡର

ବ୍ରହ୍ମପୁର ଅଫିସ,୧୬।୨: ବ୍ରହ୍ମପୁରରେ ଅନେକ ବିଲ୍ଡିଂ ଅନୁମତି ଆବେଦନ ପତ୍ର ଉପଯୁକ୍ତ ତଥ୍ୟ ପ୍ରଦାନ ଅଭାବ ଯୋଗୁ ପେଣ୍ଡିଂ ହୋଇ ରହିଛି । ଏନେଇ ଦୁଇଦୁଇ ଥର କ୍ୟାମ୍ପ ଜରିଆରେ ବିଲ୍ଡିଂ ଅନୁମତି ପାଇଁ ଆବେଦନ କରିଥିବା ମାଲିକଙ୍କୁ ଉପଯୁକ୍ତ ତଥ୍ୟ ପ୍ରଦାନ ପାଇଁ ଆହ୍ୱାନ କରାଯାଇଛି । ଏହାସତ୍ତ୍ୱେ ଉକ୍ତ ୨ କ୍ୟାମ୍ପରେ ମାତ୍ର ୪ ଜଣ ତଥ୍ୟ ପ୍ରଦାନ କରିଛନ୍ତି । ଅହୁରି ଅନେକ ବିଲ୍ଡିଂ ମାଲିକ ଉପଯୁକ୍ତ ତଥ୍ୟ ପ୍ରଦାନ କରି ନାହାନ୍ତି । ଏଥିପାଇଁ ବିଡିଏ ପକ୍ଷରୁ ତୃତୀୟ ଓ ଅନ୍ତିମ କ୍ୟାମ୍ପ ଆସନ୍ତା ୧୮ ଓ ୧୯ ତାରିଖରେ ଆୟୋଜିତ ହେବ । ଏହି କ୍ୟାମ୍ପରେ ମାଲିକମାନେ ଅନୁମତି ଆବେଦନ ପାଇଁ ଆବଶ୍ୟକ ତଥ୍ୟ ପ୍ରମାଣ ଦାଖଲ ନ କଲେ ଉକ୍ତ ଆବେଦନକୁ ଖାରଜ କରାଯିବ ବୋଲି ଶନିବାର ସନ୍ଧ୍ୟାରେ ବିଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପାଧକ୍ଷ ଚକ୍ରବର୍ତ୍ତୀ ସିଂ ରାଠୋର ସୂଚାଇଛନ୍ତି । ଏଥିସହ କର୍ପୋରେଶନ ରୋଡଠାରେ ନିର୍ମାଣାଧୀନ ଗଞ୍ଜାମ ହାଟର କମର୍ସିଆଲ ସେଣ୍ଟରର ୧୧୭ ଦୋକାନ ଘର ପାଇଁ ଆବେଦନ ଫର୍ମ ବିଡିଏ ୱେବ୍‌ସାଇଡରେ ଫେବୃୟାରୀ ୧୮ରୁ ଉପଲବ୍ଧ ହେବା ନେଇ ସମ୍ମିଳନୀରେ ସୂଚାଯାଇଥିଲା । ଏହାବ୍ୟତୀତ ସର୍ବକ୍ଷମା ଯୋଜନା ସମୟସୀମା ଫେବୃୟାରୀ ୨୦ ରୁ ବର୍ଦ୍ଧିତ କରାଯାଇଛି ।

ଏହି ସମୟ ଅବଧି ପରେ ବେଆଇନ୍ କନଷ୍ଟ୍ରକଶନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ରେଇନ୍ସ ୱାଟର ହାର୍ଭେଷ୍ଟିଂ ବ୍ୟବସ୍ଥା କରି ନ ଥିବା ୧୫୦୦ ଘରକୁ ନୋଟିସ କରାଯାାଇଛି। ଆସନ୍ତା ୩ ମାସ ମଧ୍ୟରେ ରେଇନ୍ସ ୱାଟର ହାର୍ଭେଷ୍ଟିଂ ସିଷ୍ଟମ କରିବାକୁ ନୋଟିସରେ କୁହାଯାଇଛି। ବଳକା ଘରକୁ ଆଗାମୀ ଦିନରେ ନୋଟିସ କରାଯିବ। ପରୀକ୍ଷାକୁ ଦୃଷ୍ଟିରେ ରଖି ଆସନ୍ତା୨୮ରେ ହେବାକୁ ଥିବା ପାଗୋ ଫେଷ୍ଟିଭାଲକୁ ମାର୍ଚ୍ଚ ୨୮କୁ ଘୁଞ୍ଚାଇ ଦିଆଯାଇଥିବା କୁହାଯାଇଥିଲା। ସମ୍ମିଳନୀରେ ବିଡିଏ ଉପାଧକ୍ଷଙ୍କ ସମେତ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ବିଡିଏ ସଚିବ ସମ୍ବିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

### ମଦ ବୋତଲ ଭାଙ୍ଗିଲେ ତହସିଲଦାର

ଶେରଗଡ,୧୬।୨(ଡି.ଏନ୍.ଏ.) ଶେରଗଡ ବାଇପାସ୍‌ରେ ଥିବା ଏକ ବିଦେଶୀ ମଦ ଦୋକାନରେ ରବିବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ତହସିଲଦାର ଡ. ଦୟାସିନ୍ଧୁ ପରିଡା ଚଢାଉ କରିଥିଲେ। ଦୋକାନ ବାହାରେ ମଦ୍ୟପାନ କରୁଥିବା ବ୍ୟକ୍ତିମାନଙ୍କଠାରୁ ୪୮ ବୋତଲ ମଦ ଓ ୧୨ ବିୟର ବୋତଲ ଭାଙ୍ଗିଥିଲେ। ମଦ ଦୋକାନୀଙ୍କୁ ତାଗିଦ୍ କରିବା ସହ ଏପରି ଆଗାମୀ ଦିନରେ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୋକାନର ୧୦୦ ମିଟର ମଧରେ ମଦ୍ୟପାନ କଲେ ଦୋକାନକୁ ବନ୍ଦ କରିବାକୁ ଲେଖାଯିବ ସହ ୫୦ ହଜାର ଟଙ୍କା ଜରିମାନା ପଡିବ ବୋଲି ଜିଲାପାଳଙ୍କ ନିର୍ଦ୍ଦେଶ ରହିଥିବା ତହସିଲଦାର ପରିଡା ଚେତାଇ ଦେଇଥିଲେ।

# କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ



ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି ।

## ବସ ଦୁର୍ଘଟଣାରେ ହେଲପରଙ୍କ ମୃତ୍ୟୁ ଘଟଣା

ବୋରିଗୁମ୍ମା,୧୬।୨(ଡ଼ି.ଏନ.ଏ )

ବୋରିଗୁମ୍ମାରୁ ଚାନ୍ଦାହାଣ୍ଡି ଯାଉଥିବା ଏକ ବସ ଶନିବାର ପାପଡାହାଣ୍ଡି ନିକଟସ୍ଥ ହରିଣ ପାର୍କ ଠାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ହେଲପର କାମରା ଗ୍ରାମର ଆଶିଷ କୁମାର ମିଶ୍ରଙ୍କ ମୃତ୍ୟୁ ଘଟିଥିଲା । ରବିବାର କ୍ଷତିପୂରଣ ଦାବିରେ ବୋରିଗୁମ୍ମା ଥାନା ଅନ୍ତର୍ଗତ କାମାରାଠାରେ ଗ୍ରାମବାସୀ ୨୬ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ୨ ଘଣ୍ଟା ଧରି ବହୁ ଯାନବାହାନ ରାସ୍ତାର ଦୁଇ ପାର୍ଶ୍ୱରେ ଅଟକି ରହିଥିଲା । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା । ପରେ ଘରୋଇ ବସର କର୍ମକର୍ତ୍ତା କାମରା ଛକରେ ପହଞ୍ଚି ଆନ୍ଦୋଳନକାରୀ ସହ ଆଲୋଚନା କରିଥିଲେ। ଶେଷରେ ମୃତ ହେଲପରଙ୍କ ପରିବାରକୁ ବସ ମାଲିକ ୫୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

## ନାଲ୍‌କୋ ମାଇନ୍ସ ଏମ୍ପ୍ଳୋଇଜ୍ ୟୁନିଅନ କର୍ମକର୍ତ୍ତା ଚୟନ

ଦାମନଯୋଡ଼ି,୧୬।୨(ଡି.ଏନ୍.ଏ.)

ନାଲ୍‌କୋର ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ନାଲ୍‌କୋ ମାଇନ୍ସ ଏମ୍ପ୍ଳୋଇଜ୍ ୟୁନିଅନର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସେକ୍ଟର-୩ ମନ୍ଦିର ପରିସରରେ ନୂତନ କର୍ମକର୍ତ୍ତାଙ୍କୁ ନାଲ୍‌କୋ ଇଡି ରବିଶଙ୍କର ଦାସ ଶପଥପାଠ କରାଇଛନ୍ତି। ଏହି କମିଟି ୨ ବର୍ଷ ପାଇଁ ୟୁନିଅନ ଦାୟିତ୍ୱରେ ରହିବେ। ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ନାଲ୍‌କୋ ମହାପ୍ରବନ୍ଧକ ଅରୁଣ ଦାସ, ଆର୍.ଏନ୍. ଉପାଧ୍ୟାୟ, ନେତ୍ରାନନ୍ଦ ମହାରଣା, ଆର୍. ୱାରିସ ଓ ବି.କେ. ଦାଶ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୂତନ କମିଟିରେ ପ୍ରମୋଦ କୁମାର ମହାରଣାଙ୍କୁ ସଭାପତି, ପଦନ ଗୌଡ଼ଙ୍କୁ କାର୍ଯ୍ୟକାରୀ ସଭାପତି, ଧୀରେନ୍ଦ୍ରନାଥ ମଲ୍ଲିକ ଓ ମୃତ୍ୟୁଞ୍ଜୟ ଦାଶଙ୍କୁ ଉପସଭାପତି, ବିପିନ ଖେମୁଣ୍ଡୁ ସାଧାରଣ ସମ୍ପାଦକ, ଲବ ମାଳି ସାଙ୍ଗଠନିକ ସମ୍ପାଦକ, ବିମଳ ନାୟକ ଓ ମନୋଜ ଚେଟ୍ଟୀଙ୍କୁ ଯୁଗ୍ମ ସମ୍ପାଦକ ଦାୟିତ୍ୱ ମିଳିଛି। ସେହିଭଳି ଭବାନୀ ପ୍ରସାଦ ମହାନ୍ତିଙ୍କ କାର୍ଯ୍ୟାଳୟ ସମ୍ପାଦକ, ସୁଜିତ ଜେନତାଙ୍କୁ କୋଷାଧକ୍ଷ ଦାୟିତ୍ୱ ମିଳିଛି। ଅନ୍ୟ ୨୫ ଜଣଙ୍କୁ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ଦାୟିତ୍ୱ ଦିଆଯାଇଛି। ୮ ଜଣଙ୍କୁ ଉପଦେଷ୍ଟା ରୂପେ ନୂତନ କମିଟିରେ ରଖାଯାଇଛି।

## ଜିଲା ବିଏଫଟି ସଂଘ ଗଠିତ

ପାପଡାହାଣ୍ଡି, ୧୬।୨(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡିର ସହିଦ ମିନାର ଠାରେ ରବିବାର ଜିଲା ବିଏଫଟି (ବାରି ଫୁଟ୍ ଟେକ୍ନିସିଆନ)ସଂଘ ଗଠିତ ହୋଇଯାଇଛି । ବୈଠକରେ ଜିଲାର ୧୦ ଟି ବ୍ଲକର ୨୨ ଜଣ ବିଏଫଟି ଉପସ୍ଥିତ ଥିଲେ । ସର୍ବସମ୍ମତି କ୍ରମେ ସଭାପତି ଗୋବର୍ଦ୍ଧନ, ଉପ ସଭାପତି ଭାବେ ଦେବେନ୍ଦ୍ର ହିଆଲ, ସମ୍ପାଦକ କପିଳାସ ନାୟକ, ସହସମ୍ପାଦକ ଭାବେ ବିବେକ ଚେଟି, କୋଷାଧକ୍ଷ ନକୁଳ ପନକାଙ୍କୁ ଚୟନ କରାଯାଇଥିଲା। କନିଷ୍ଠ ଯନ୍ତ୍ରୀଙ୍କୁ ବିଏଫଟି ସଦସ୍ୟ ମାନେ ସହଯୋଗ କରିଥାନ୍ତି ।



ଚକ୍ଷୁ ପରୀକ୍ଷା ପାଇଁ ଛାତ୍ରମାନେ ଲାଇନ୍ ଲଗାଇଛନ୍ତି ।

# ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

କୋରାପୁଟ/ଦାମନଯୋଡ଼ି, ୧୬।୨(ଡ଼ି.ଏନ.ଏ)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ହସପିଟାଲର ଚକ୍ଷୁ ବିଭାଗରେ ଦୁଇ ଦିନ ଧରି ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୁନେତ୍ର ଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ପୂର୍ବରୁ ତାଲିମପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦ୍ୱାରା ଦୃଷ୍ଟି ଦୋଷ ଥିବା ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯାଇଥିଲା । କୋରାପୁଟ ବ୍ଲକ ଓ ମ୍ୟୁନିସିପାଲଟିରୁ ମୋଟ ୧୪୪ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼.ମକରନ୍ଦ ବେଉରାଙ୍କ ନିର୍ଦ୍ଦେଶମତେ ତଥା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଅରୁଣ କୁମାର ପାଢୀ ଓ ଜାତୀୟ ଅନ୍ଧତ୍ୱ ନିରାକରଣ କାର୍ଯ୍ୟକ୍ରମର ଡ଼ିପିଏମ ଡ଼. ମୀରାବାଇ ବେହେରାଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଛି । ମେଡ଼ିକାଲ କଲେଜର ଚକ୍ଷୁ ବିଭାଗ ସହକାରୀ ପ୍ରାଧ୍ୟାପକ ଡ଼. ଚିତ୍ରସେନ ବାସ୍‌କେ, ଚକ୍ଷୁ ସହାୟକ ମୁକ୍ତିରଞ୍ଜନ ଜେନା ଓ ବିଜୟ କୁମାର ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଏଥିରେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ସୋହନ ନାୟକ,ବିପିଏମ ନୂତନ ସିଂ, ପିଏଚ୍‌ଇଓ ମକର ଜାନି, ସୁପରଭାଇଜରର ସୀମାଞ୍ଚଳ ପରୀକ୍ଷା, ବିଡ଼ିଏମ ରାଜେନ୍ଦ୍ର ବେହେରା, ସ୍ୱାସ୍ଥ୍ୟକର୍ମୀ ମଦନ ଭୋଇ, ରାଜେଶ ରଞ୍ଜନ ଶତପଥୀ, ପାନୁଏଲ ପ୍ରଧାନ, ୟୁ.ସି.ଏଚ. ଗଉଡ଼ା ପ୍ରମୁଖ ପରିଚାଳନା କରିଥିଲେ । ମେଡ଼ିକାଲ କଲେଜର ଷ୍ଟାଫନର୍ସ ଜୟନ୍ତୀ ବସ୍ତିଆ ପ୍ରମୁଖ ସହଯୋଗ କରିଥିଲେ ।

# ଡିପିଏସ୍‌ରେ କ୍ରୀଡ଼ା ପ୍ରଶିକ୍ଷଣ ଶିବିର



ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

ଦାମନଯୋଡ଼ି,୧୬।୨(ଡି.ଏନ୍.ଏ.)

ନାଲ୍‌କୋ ଟାଉନଶିପସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ୧୫ ଦିନିଆ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଏଥିରେ କ୍ରିକେଟ୍, ଫୁଟବଲ, ବାସ୍କେଟବଲ ଓ ଟେବୁଲଟେନିସରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର୍.ଏସ୍. ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ମହାପ୍ରବନ୍ଧକ ବି.କେ. ଦାଶ ଓ ଆର୍.ଏନ୍. ଉପାଧ୍ୟାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲ ଅଧକ୍ଷା ଦୀପାନ୍ୱିତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ କ୍ରୀଡ଼ା ଶିକ୍ଷକ ନବକିଶୋର ପଣ୍ଡା, ଅଞ୍ଜନା କୁମାରୀ ପରିଚାଳନାରେ ସହଯୋଗ କରିଥିଲେ। କୋଚ୍ ଭାବେ କ୍ରିକେଟ୍ ପାଇଁ ଅସିତ ପଟ୍ଟନାୟକ, ଫୁଟବଲ ପାଇଁ ସରୋଜ କୁମାର ମହାରଣା, ବାସ୍କେଟବଲ ପାଇଁ ଚିରଞ୍ଜିତ କରଣ ଓ ଟେବୁନ ଟେନିସ ପାଇଁ ତୋହିଦ ହକ୍ ତାଲିମ ଦେଉଛନ୍ତି।



ବୈଠକରେ ଉପସ୍ଥିତ ବିଏଫ୍‌ଟି ସଂଘର ସଦସ୍ୟମାନେ।

# ବନବିହାରରେ ସାହିତ୍ୟ ଚର୍ଚ୍ଚା



କାର୍ଯ୍ୟକ୍ରମରେ ଅତିଥିମାନେ।

ଜୟପୁର,୧୬।୨ (ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ପୂଜ୍ୟପୂଜା ସଂସଦର ମାସିକ ସାହିତ୍ୟ ଗୁମ୍ଫି ତଥା ବନବିହାର କାର୍ଯ୍ୟକ୍ରମରେ ସ୍ଥାନୀୟ ବାମୁଣିଗାଁ ବନ ନିଗମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ଚର୍ଚ୍ଚା କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଂସଦ ସଭାପତି ଇଂ. କେଦାରନାଥ ବେହେରା ଅଧ୍ୟକ୍ଷତା କରିଥିଲେ । ପଣ୍ଡିତ ମୃତ୍ୟୁଞ୍ଜୟ ଦାଶଙ୍କ ରଚିତ 'ତ୍ରିବେଣୀ' 'ବିବିଧ କବିତା' 'ଶିରିଡି ସାଇ ଚରିତାମୃତ' ପୁସ୍ତକକୁ ତିନି ଜଣ ସାହିତ୍ୟିକ ମନମୋହନ ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ମିଶ୍ର ଏବଂ ଡ. ପ୍ରଦୀପ ମିଶ୍ର ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ଏହାକୁ ସମୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂ ନିର୍ମଳଚନ୍ଦ୍ର ମଲ୍ଲିକ, ଅନୁସୂୟା ସାମନ୍ତରାୟ, ତପସ୍ୱିନି ସାହୁ, ଭାସ୍କର ସାମନ୍ତରାୟ, ଅଶୋକ ମହାରଣା, ଅଶୋକ ପୋଲେଇ, ଉଦୟ ଶଙ୍କର ଜାନୀ, ରଘୁନାଥ ବିଶ୍ୱାଳ, ଶୋଭାଙ୍ଗିନି ନନ୍ଦ, ମାଧୁରୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଂସଦ ସମ୍ପାଦକ ତପନ କିରଣ ତ୍ରିପାଠୀ ପରିଚାଳନା କରିଥିବା ବେଳେ ସହ ସମ୍ପାଦକ ବୈରାଗି ସାହୁ ଧନ୍ୟବାଦ ଦେଇଥିଲେ ।

# ସୁନାଗରିକ ହେବା ପାଇଁ ପରାମର୍ଶ




ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ସେମିଳିଗୁଡା, ୧୬।୨(ସ୍ୱ.ପ୍ର)

ସେମିଳିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଜେନାଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା ଶିକ୍ଷାବିତ୍ ସୁଷମା କୁମାରୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଓ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ । ପୂର୍ବରୁ ଆୟୋଜିତ ବାର୍ଷିକ କ୍ରୀଡା ଓ ପ୍ରବନ୍ଧ ବକ୍ତୃତା ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଛତିଶଗଡ଼କୁ ଚାଲାଣ ହେଉଛି ଗୋରୁ

- ଟ୍ରକରୁ ଉଦ୍ଧାର ହେଲା ୨୮ ଗୋରୁଙ୍କ ମୃତଦେହ
- ରାସ୍ତା ପାର୍ଶ୍ୱରେ ୪ ଦିନ ଅଟକି ରହିଥିଲା ଟ୍ରକ
- କାର୍ଯ୍ୟାନୁଷ୍ଠାନ ଶୂନ



କୋଟପାଡ଼,୧୬।୨(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ଡଙ୍ଗରି ଗ୍ରାମ ନିକଟ ୬୩ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଅଟକି ରହିଥିବା ଏକ ଟ୍ରକରୁ ପୋଲିସ ଶନିବାର ୨୮ଟି ଗୋରୁଙ୍କ ମୃତଦେହକୁ ଉଦ୍ଧାର କରିଛି। ଏଥିସହ ସେଥିରୁ ୬ଟି ଜୀବତ ଗୋରୁ ମଧ୍ୟ ଉଦ୍ଧାର କରାଯାଇଛି। ଉକ୍ତ ଗୋରୁକୁ କେଉଁଆଡ଼େ ଚାଲାଣ କରାଯାଉଥିଲା ତାହା ସ୍ପଷ୍ଟ ହୋଇନାହିଁ। ଟ୍ରକ୍‌ର ନମ୍ବର ପ୍ଲେଟ୍ ଓ ସମସ୍ତ କାଗଜପତ୍ରକୁ ଧରି ଡ୍ରାଇଭର, ହେଲପର ଫେରାର ହୋଇଯାଇଛନ୍ତି। ଏହି ଅଞ୍ଚଳରୁ ଅଧିକାଂଶ ସମୟରେ ଛତିଶଗଡ଼କୁ ଗୋରୁ ଚାଲାଣ ହେଉଥିଲେ ମଧ୍ୟ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ୪ ଦିନ ତଳେ ଡଙ୍ଗରି ନିକଟ ରାସ୍ତା ପାର୍ଶ୍ୱରେ ଉକ୍ତ ଟ୍ରକ୍ କୌଣସିବସତଃ ଅଟକି ରହିଥିଲା । ସେଥିରେ କ'ଣ ଅଛି, କେଉଁଠୁ ଆସିଛି ତାହା କେହି ଜାଣିବାକୁ ଚେଷ୍ଟା କରି ନ ଥିଲେ। ଶନିବାର ଟ୍ରକ୍‌ରୁ ରକ୍ତ ଓ ପାଣି ବାହାରିବା ସହ ଦୁର୍ଗନ୍ଧ ହେବାରୁ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା । ପରେ ଖବରପାଇ ବିଶ୍ୱ ହିନ୍ଦୁ ପରିଷଦର କେତେଜଣ ଯୁବକ ଏନେଇ କୋଟପାଡ଼ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା । ସେଥିରେ ୨୮ ଗୋରୁଙ୍କ ମୃତ ଦେହ ଓ ୬ ଜୀବତ ଗୋରୁଙ୍କୁ ଉଦ୍ଧାର କରିଥିଲା । ପ୍ରତ୍ୟୋକ ଦିନ କୋଟପାଡ ପୋଲିସ ଏହି ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଏଭଳି ଘଟଣା କିଭଳି ଜାଣି ପାରି ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ଲୋକଙ୍କର ଗୋରୁ ହଜି ଯାଉଥିବାର ବାରମ୍ବାର ଅଭିଯୋଗ ହୋଇଛି। ଏହି ଅଞ୍ଚଳରୁ ବାରମ୍ବାର ଗୋରୁ ଚାଲାଣ ହେଉଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । କୋଟପାଡଠାରୁ ଛତିଶଗଡ ସୀମା ମାତ୍ର ୧୪ କି.ମି.। ଚାନ୍ଦିଲିଠାରେ ଏକ ପୋଲିସ ଫାଣ୍ଡି ମଧ୍ୟ ରହିଛି । ଫାଣ୍ଡି ପୋଲିସ କର୍ମଚାରୀ ପ୍ରତ୍ୟେକ ଦିନ କୋଟପାଡ଼ ଥାନାକୁ ଆସୁଛନ୍ତି । ହେଲେ ଉକ୍ତ ଟ୍ରକ୍ ୪ ଦିନ ଧରି କାହିଁକି ରାସ୍ତାକଡ଼ରେ ଅଟକି ରହିଛି ତାହା ଜାଣି ପାରିଲା ନାହିଁ ସେନେଇ ସାଧାରଣରେ ଆଲୋଚନା ହେଉଛି । ଏ ନେଇ ଥାନା ଅଧିକାରୀ ଉଲ୍ଲାସ ମାଝିଙ୍କୁ ପଚାରିବାରୁ, ଆମେ କେଉଁ ଗାଡିରେ କ'ଣ ଯାଉଛି ତାହା ତଦନ୍ତ କରିପାରିବୁ ନାହିଁ ବୋଲି କହିଛନ୍ତି । ଉକ୍ତ ଟ୍ରକ୍ କେଉଆଡ଼େ ଯାଉଥିଲା ତାହା ଜଣାପଡିନାହିଁ । ଏନେଇ ତଦନ୍ତ ଚାଲିଥିବା କହିଛନ୍ତି ।

## ସଂକ୍ଷେପରେ

### ଟ୍ରେନ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଗୁଣପୁର,୧୬।୨(ଡି.ଏନ୍.ଏ.)
ଆନ୍ଧ୍ର ପ୍ରଦେଶ ଟେକିଲି ଷ୍ଟେଶନରେ ରବିବାର ସନ୍ଧ୍ୟାରେ ଗୁଣପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଏଯାଏ ତାଙ୍କର ପରିଚୟ ମିଳିନି। ମହିଳାଙ୍କ ବୟସ ପ୍ରାୟ ୪୦ ହେବ ବୋଲି ପ୍ରତ୍ୟେକ୍ଷଦର୍ଶୀମାନେ କହିଛନ୍ତି। ସୂଚନାଅନୁଯାୟୀ, ମହିଳା ଜଣଙ୍କ ରେଳ ଧାରଣାରେ ଯାଉଥିବା ବେଳେ ଟ୍ରେନ ଆସି ଯାଇଥିଲା। ଲୋକମାନେ ଟ୍ରେନ ଆସୁଛି କହିବା ବେଳକୁ ହଠାତ୍ ଗାଡ଼ି ତାଙ୍କ ଉପରେ ମାଡ଼ି ଯାଇଥିଲା। ଦୁର୍ଘଟଣା ପରେ ଟ୍ରେନଟି ସେଠାରେ ଅଟକି ଥିଲା। ୪୦ ମିନିଟ ବିଳମ୍ବରେ ଟ୍ରେନ୍ଟି ଗନ୍ତବ୍ୟ ସ୍ଥଳ ଅଭିମୁଖେ ପୁଣି ଥରେ ଯାତ୍ରା କରିଥିଲା।

### ୪ଦିନିଆ ଗାୟତ୍ରୀ ମହାଯଜ୍ଞ



ରାୟଗଡ଼ା ଅଫିସ, ୧୬।୨-
ରାୟଗଡ ଗାୟତ୍ରୀ ନଗରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଶନିବାରଠାରୁ ୪ଦିନ ବ୍ୟାପୀ ୨୪କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆୟୋଜନ କରାଯାଇଛି। ବର୍ତ୍ତମାନ ସମାଜ କଳୁଷିତ ହେଉଛି। ସମାଜ ଏବଂ ସଂସ୍କୃତର ପୁନରୁଦ୍ଧାର ପାଇଁ ଏହି ମହାଯଜ୍ଞ କରାଯାଉଛି ବୋଲି ଆୟୋଜକମାନେ କହିଛନ୍ତି। ଏଥିସହ ବିବାହ ଓ ବ୍ରତ ଆଦି କରାଯାଉଛି। ଏହି ଅବସରରେ ଏକ ବିରାଟ କଳସ ଯାତ୍ରା ଶନିବାର ରାୟଗଡ ସହର ପରିକ୍ରମା କରିଥିବା ବେଳେ ଯଜ୍ଞରେ ସାହିତ୍ୟ ମେଳା ମୁଖ୍ୟ ଆକର୍ଷଣ ରହିଥିଲା। ପ୍ରତ୍ୟେକ ଦିନ ସାମୂହିକ ଜପ, ଧ୍ୟାନ, ପ୍ରଜ୍ଞାଯୋଗୀ, ବ୍ୟାୟାମ, ଦେବ ପୂଜନ, ଗାୟତ୍ରୀ ମହାଯଜ୍ଞ, ସଙ୍ଗୀତ, ପ୍ରବଚନ, ଦୀପ ଯଜ୍ଞ କରାଯିବାର କାର୍ଯ୍ୟକ୍ରମ ରହିଛି। ଶେଷ ଦିନରେ ପୂର୍ଣ୍ଣାହୁତି ଓ ବିଦାୟୀ କାର୍ଯ୍ୟକ୍ରମ ରହିଛି ବୋଲି ପରିଚାଳନା କମିଟି ସୂଚନା ଦେଇଛନ୍ତି।

### ବନ୍ଧୁମିଳନ, ସମ୍ବର୍ଦ୍ଧନା ଉତ୍ସବ




ମୁନିଗୁଡ଼ା,୧୬।୨(ଡି.ଏନ୍.ଏ.)
ରାୟଗଡ଼ା ଜିଲା ମୁନିଗୁଡ଼ା ନିକଟ ଶକଟାରେ ରବିବାର ମୁନିଗୁଡା ପ୍ରେସ୍ କ୍ଲବର ବାର୍ଷିକ ବନ୍ଧୁମିଳନ-୨୦୨୦ କର୍ମଶାଳା ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଜାତୀୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଗୌରାଙ୍ଗ ଚରଣ ରାଉତ ସ୍ୱାଗତ ସମ୍ବର୍ଦ୍ଧନା ସହ ଅତିଥି ପରିଚୟ ଦେଇଥିଲେ। ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ଦେବୀ ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି, ସାହିତ୍ୟ ଏକାଡେମୀ ସଦସ୍ୟ ଚନ୍ଦ୍ରଶେଖର ହୋତା ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଖବରଦାତା ରାଜକିଶୋର ସ୍ୱାଇଁ, ପ୍ରସନ୍ନ କୁମାର ତ୍ରିପାଠୀ, ଜୟସେନ ପରିଡା, ଅତିରିକ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିତାରାଣୀ ନିମାକା, ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣମାଧମ ପ୍ରତିନିଧିଙ୍କ ସାମାଜିକ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାର ଖବରଦାତାମାନେ ଅବହେଳାର ଶିକାର ହେଉଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ, ହେମନ୍ତ କୁମାର ନାୟକ ଏବଂ ନିରଞ୍ଜନ ସାହୁଙ୍କୁ ଏହି ଅବସରରେ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେସ୍ କ୍ଲବ ସଭାପତି ରାଜୀବଲୋଚନ ଦାସ ମଞ୍ଚ ପରିଚାଳନା କରିଥିଲେ। ନନ୍ଦକିଶୋର ପଟ୍ଟନାୟକ ମାନପତ୍ର ପଠନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବୀନ କୁମାର ସାହୁ, ଚନ୍ଦ୍ରମାଧବ ମିଶ୍ର, ଜୟକାନ୍ତ ରାଉତ, ଗଣେଶ୍ୱର ରାଓ, ଈଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।ଜିଲା କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରିବ କ୍ଷମତା ଏକ୍ସପ୍ରେସ

ରାୟଗଡ଼ା ଅଫିସ,୧୬।୨



ଜିଲାପାଳ ସବୁଜ ପତାକା ଦେଖାଇ କ୍ଷମତା ଏକ୍ସପ୍ରେସର ଶୁଭାରମ୍ଭ କରୁଛନ୍ତି।

ଜିଲାର ବିଭିନ୍ନ ବ୍ଲକରେ କ୍ୟାମ୍ପ କରି ସେଠାରେ ଥିବା ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ କ୍ଷମତା ଏକ୍ସପ୍ରେସ ନାମକ ଏକ ରଥର ଶୁଭାରମ୍ଭ କରାଯାଇଛି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଇନ୍ଷ୍ଟିଚ୍ୟୁଟ ଅଫ ହେଲଥ୍ ସାଇନ୍ସ ଭୁବନେଶ୍ୱର ପକ୍ଷରୁ ୧୦ ଜଣ ଡାକ୍ତର କ୍ଷମତା ଏକ୍ସପ୍ରେସରେ ରାୟଗଡ଼ାର ବିଭିନ୍ନ ବ୍ଲକ ପରିଦର୍ଶନ କରିବାର ଯୋଜନା ରହିଛି। ବ୍ଲକରେ ସେମାନେ ସେଠାରେ କ୍ୟାମ୍ପ କରି ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ସହାୟତା ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ପ୍ରଥମ ଦିନରେ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକରେ ଏକ କ୍ୟାମ୍ପ କରି ୧୯୧ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇ ୯୧ ଜଣଙ୍କୁ ପ୍ରମାଣପତ୍ର ମିଳିଛି। ଏହାଛଡ଼ା ସେମାନଙ୍କୁ ଟ୍ରାଇ ସାଇକେଲ, ହୁଇଲ୍ ଚେୟାର ଆଦି ପ୍ରଦାନ କରାଯିବ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁରଙ୍କ ସହ ଡାକ୍ତରମାନେ ଉପସ୍ଥିତ ଥିଲେ।

# ୧୦ ଜଣଙ୍କୁ ଗିରଫ କଲା ଆର୍‌ପିଏଫ୍

## ରେଲୱେ ପାର୍କିଂରେ ମଦ୍ୟପାନ ପଡିଲା ମହଙ୍ଗା

ରାୟଗଡ଼ା ଅଫିସ ,୧୬।୨

ରାୟଗଡ଼ା ରେଳଷ୍ଟେଶନର ସାଇକେଲ ଷ୍ଟାଣ୍ଡରେ କେତେଜଣ ଯୁବକ ମଦ୍ୟପାନ କରୁଥିବା ଖବର ପାଇ ଆର୍‌ପିଏଫ୍ ପୋଲିସ ସେମାନଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ଗୌରୀ ଶଙ୍କର (୩୪), ରକି ମହାନ୍ତି(୨୪), ନବୀନ କୁମାର (୨୭), ଦିଲୀପ ବିଶ୍ୱାଳ (୩୨), ତିରୁପତି ପାଣିଗ୍ରାହୀ (୩୭), ସୁରେଶ କୁମାର (୪୦), ଜୀବନ(୨୮), ଭଗବାନ ସାହୁ(୨୫), ରଞ୍ଜନ ମହାନ୍ତି(୨୭ ), ପେନଟା ୱେଣୁ ଗୋପାଳ(୩୫)। ପ୍ରକାଶ ଯେ, ରେଲୱେ ପାର୍କିଂରେ ଅଭିଯୁକ୍ତମାନେ ଭୋଜି ଭାତର ଆସର ସହ ମଦ୍ୟାନ କରୁଥିବା ଆର୍‌ପିଏଫ୍ ଖବର ପାଇ ଘଟଣା ସ୍ଥଳରେ ଚଢାଉ କରିଥିଲା। ଏଥିରେ ସାମିଲ ଥିବା ସମସ୍ତଙ୍କୁ ପୋଲିସ ଗିରଫ କରିଥିଲା।



ପୋଲିସ ସହ ଗିରଫ ଅଭିଯୁକ୍ତମାନେ।

# ଶୋଷଣ ହେଉଛନ୍ତି ସ୍ୱାବଲମ୍ବୀ କାରିଗର

## ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବ ସଂଘ

ରାୟଗଡ଼ା ଅଫିସ,୧୬।୨

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ସ୍ୱାବଲମ୍ବୀ କାରିଗରୀ ସଂଘ ରାୟଗଡ଼ା ଜିଲା ଶାଖା ପକ୍ଷରୁ ରବିବାର ଏକ ବୈଠକ ଠକ୍କର ବାପା ଆଶ୍ରମରେ ଅନୁଷ୍ଠିତ ହୋଇଛି। ରାୟଗଡ଼ା ଶାଖା ଜିଲା ସଭାପତି ରାମକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭାରତୀୟ ମଜଦୁର ସଂଘ ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ମୁଖ୍ୟ ଅତିଥି, ଜିଲା ସମ୍ପାଦକ ଖଗେଶ୍ୱର ସିଂ ଏବଂ ସ୍ୱାବଲମ୍ବୀ କାରିଗର ସଂଘର ଜିଲା ଉପ ସଭାପତି ମୋହନ ରାଓ ମାଝି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ସୀମାଞ୍ଚଳ ମିଶ୍ର ସାଙ୍ଗଠନିକ ବିବରଣୀ ପାଠ କରିଥିଲେ। ରାଜ୍ୟ ସରକାରଙ୍କ ଜଳ ଯୋଗାଣ ବିଭାଗର ଆରଡବ୍ଲ୍ୟୁଏସ୍ଏସ୍ ଅଧୀନରେ ଗ୍ରାମାଞ୍ଚଳରେ ପାଣି ଯୋଗାଣ କାମ କରୁଥିବା ସ୍ୱାବଲମ୍ବୀ କାରିଗରଙ୍କ ଉନ୍ନତି କିପରି ହେବ ସେ ନେଇ ଆଲୋଚନା ହୋଇଥିଲା। ସେମାନଙ୍କୁ ମାସ ଶେଷରେ ଠିକ୍ ସମୟରେ ଦରମା ଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ସରପଞ୍ଚ ଓ ପିଇଓମାନେ ସ୍ୱାବଲମ୍ବୀ କାରିଗରଙ୍କ ପ୍ରତି ମନମୁଖି ଶାସନ ଏବଂ ଶୋଷଣ କରୁଛନ୍ତି। ଏଥିପ୍ରତି ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନର ଦୃଷ୍ଟି ଗୋଚର କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବଂଶୀଧର କଣ୍ଡାଗରୀ, ରତ୍ନାକର ନାୟକ, ବି. ସୋମେଶ୍ୱରଙ୍କ ସହ ସମସ୍ତ ବ୍ଲକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବୃଦ୍ଧଙ୍କ ଆତ୍ମହତ୍ୟା

ଗୁଣପୁର,୧୬।୨(ଡି.ଏନ୍.ଏ.)
ମାନସିକ ଭାରସାମ୍ୟ ହରାଇ ରାୟଗଡା ଜିଲା ଗୁଣପୁର ସହର ମୋତିଲାଲ ନଗର ଅଞ୍ଚଳର ଆଲାଡା ସାନ୍ତେୟା(୭୦) ନାମକ ଜଣେ ବୃଦ୍ଧ ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ସାନ୍ତେୟାଙ୍କ ପୁଅ ଆଲାଡା ରବି(୨୪) ଗତ ଶୁକ୍ରବାର ହାଇଦ୍ରାବାଦରେ ଆତ୍ମହତ୍ୟା କରିଥିଲେ। ରବିଙ୍କ ଅନ୍ତେଷ୍ଟିକ୍ରୀୟା ସାରି ବନ୍ଧୁବାନ୍ଧବ ଗୁଣପୁର ଫେରିଥିଲେ। ଘରେ ପହଞ୍ଚିଲା ବେଳକୁ ସାନ୍ତେୟାଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖିଥିଲେ। ଏ ନେଇ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ପାଇ ଗୁଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପୁଅ ମୃତ୍ୟୁର ଦୁଃଖ ସହି ନ ପାରି ଆଲାଡ଼ାମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଥିବା ଆଲୋଚନା ହେଉଛି।

# ଜିଲାରୁ ୩ ଡାକ୍ତରଙ୍କୁ ବଦଳି

ରାୟଗଡ଼ା ଅଫିସ, ୧୬।୨

ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଗୁଣୁପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ଡ଼ାକ୍ତରଙ୍କୁ ଜିଲା ବାହାରକୁ ବଦଳି କରାଯାଇଛି। ଏଣୁ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବାର ସମ୍ଭାବନା ଦେଖାଦେଇଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଜିଲାରେ ଅଧିକରୁ ଅଧିକ ଡ଼ାକ୍ତର କିପରି ନିୟୋଜିତ ହେବେ, ସ୍ୱାସ୍ଥ୍ୟସେବା ଠିକ ଭାବେ କରାଯିବ ସେ ନେଇ ତତ୍ପରତା ପ୍ରକାଶ ପାଉଥିବାବେଳେ ଡ଼ାକ୍ତରଙ୍କ ବଦଳି ଘଟଣା ଏବେ ଜିଲାରେ ଆଲୋଡନ ସୃଷ୍ଟି କରିଛି। ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଶୁଭଶ୍ରୀ ସ୍ୱୟଂ ପ୍ରଜ୍ଞାଙ୍କୁ ଜଗତସିଂହପୁର ଜିଲାର ରଘୁନାଥପୁର, ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସବ୍ୟସାଚୀ ପାଢ଼ୀଙ୍କୁ କଳାହାଣ୍ଡି ଜିଲାର ଏମ୍. ରାମପୁର, ଶିକରପାଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡ଼ାକ୍ତର ଆଶୁତୋଷ ବିଶୋୟୀଙ୍କୁ ଖୋର୍ଦ୍ଧା ଜିଲାର ମେଣ୍ଢାଶାଳକୁ ବଦଳି କରାଯାଇଛି। ଜିଲାରେ ୧୮୦ ଡାକ୍ତର ପଦବୀ ଖାଲି ଥିବାବେଳେ ୧୧୧ କାର୍ଯ୍ୟରତ ଥିଲେ। ଏହି ୩ଜଣଙ୍କ ବଦଳି ପରେ ୧୦୮ ପଦବି ରହିବ। ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ପଞ୍ଜୀକରଣ କଲେ ୧୬୫ ଦିବ୍ୟାଙ୍ଗ

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଚନ୍ଦ୍ରପୁର, ୧୬।୨(ଡି.ଏନ୍.ଏ.)



ଶିବିରରେ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ କାର୍ଯ୍ୟାଳୟରେ ରବିବାର ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ସମସ୍ତ ୮ ପଞ୍ଚାୟତରୁ ୧୬୫ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ପଞ୍ଜୀକୃତ ଦିବ୍ୟାଙ୍ଗଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି।

ଏଥିସହ ସେମାନଙ୍କୁ ସରକାରୀ ଯୋଜନାରେ ଭତ୍ତା, ଋଣ, ଆନୁଷଙ୍ଗିକ ଉପକରଣ, ଛାତ୍ରୀଛାତ୍ରଙ୍କୁ ବାଣିଶ୍ରୀ ଛାତ୍ରବୃତ୍ତି ଯୋଗାଇ ଦିଆଯିବ ବୋଲି ବିଡିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ୍ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଡାକ୍ତର ଦେବାଶିଷ ବେହେରା, ଦେବାଶିଷ ସାମଲ, ପାର୍ବତୀ ସିଂ, ପ୍ରଦୀପ ରାଓ, ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସାଲୁଙ୍କି ଚରଣ ପୂର୍ତ୍ତି, ସାମାଜିକ କର୍ମୀ ସୁଚିତ୍ରା ଜେନା, ବ୍ଲକ ଅଧକ୍ଷା ସଙ୍ଗୀତ ପ୍ରତିଙ୍ଗା, ଭିନ୍ନକ୍ଷମ ମହାସଂଘ ଜିଲା ସମ୍ପାଦକ ଅମରେନ୍ଦ୍ର ନାଥ, ସମାଜ କଲ୍ୟାଣ ଅଧିକାରୀ ସୁରେନ୍ଦ୍ର ଗମାଙ୍ଗ, ଜିଲା ସମାଜ କଲ୍ୟାଣ ଅଧିକାରୀ ଆଦିପତି କଅଁର, ଭାରପ୍ରାପ୍ତ ବ୍ଲକ ସମାଜ ସମ୍ପ୍ରସାରଣ ଅଧିକାରୀ ଜୟା ଶବର, ଭାରପ୍ରାପ୍ତ ଜିପିଇଓ ଭାସ୍କର ନିମାଲ, ସରପଞ୍ଚ ସୁଜିତ ବ୍ରେଡେକାପ, କାଉମୁନି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତ୍ସ୍ନା ଶବର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଚନ୍ଦ୍ରପୁର ଭାରପ୍ରାପ୍ତ ବ୍ଲକ ସମାଜ ସମ୍ପ୍ରସାରଣ ଅଧିକାରୀ ଜୟା ଶବର ପରିଚାଳନା କରିଥିଲେ।

# ଗଛକୁ ପିଟିଲା ଡାଲା ଅଟୋ, ୨ ଆହତ

ପାରଳାଖେମୁଣ୍ଡି,୧୬।୨(ସ୍ୱ.ପ୍ର.)
ଗଜପତି ଜିଲା ଆର୍. ଉଦୟଗିରି ଥାନା ଅଧୀନ ମଙ୍କାପଦା ଗ୍ରାମ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଡାଲା ଅଟୋ ରାସ୍ତା ପାର୍ଶ୍ୱରେ ଥିବା ଗଛକୁ ଧକ୍କା ଦେବା ଫଳରେ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା କେ. ନୂଆଗାଁ ଥାନା ଅଧୀନ ନୂଆଗଡ଼ ଗ୍ରାମର ଚାଳକ ରଞ୍ଜିତ ସ୍ୱାଇଁ ଓ ରୁଦ୍ର ବେଜ । ଗାଡ଼ି ନେଇ ଆର୍.ଉଦୟଗିରିରୁ ନୂଆଗଡ଼ ଅଭିମୁଖେ ଯିବା ସମୟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଇଥିଲା। ଖବରପାଇ ଆର୍. ଉଦୟଗିରିରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ଚନ୍ଦ୍ରଗିରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ରଞ୍ଜିତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।



# ଅନୁଶାସନ, ଏକାଗ୍ରତା ରହିଲେ ସଫଳତା ମିଳିବ



କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

କୋଲନରା,୧୬।୨(ଡି.ଏନ୍.ଏ.)
ରାୟଗଡ଼ା ଜିଲା କୋଲନରା ବ୍ଲକ ମୁକୁନ୍ଦପୁରସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କୋଲନରା ବିଇଓ ଏମ୍. ଖଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁକୁନ୍ଦପୁର ସରପଞ୍ଚ ଶିବ କଣ୍ଡାଗରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଇପିଲି ପ୍ରସାଦ, ଏବିଇଓ ବଂଶୀଧର ବେହେରା, ସିଙ୍ଗାନାଡା ଡିଙ୍ଗି, ସିଆରସିସି ଗୋବର୍ଦ୍ଧନ କୁଲସିକା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗତବର୍ଷ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୪୦ ଜଣ ଯବାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଶାସନ ଓ ଏକାଗ୍ରତା ରହିଲେ ସଫଳତା ମିଳିବ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷକ ଅମୂଲ୍ୟ କୁମାର ମାଳି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଞ୍ଜୟ କୁମାର ନାଗ ସଭା ପରିଚାଳନା କରିଥିଲେ। ଚଳିତ ବର୍ଷ ଓଏଏସ ପରୀକ୍ଷାରେ ସଫଳତା ପାଇଥିବା ସ୍କୁଲର ପୁରାତନ ଛାତ୍ରୀ ସ୍ମରଣିକା ଡୁଳ ଓ ପୁରାତନ ଛାତ୍ର ଚିନ୍ମୟ ଛୁଆଳସିଂଙ୍କୁ ଅତିଥିମାନେ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ତପନ କୁମାର ପଟ୍ଟନାୟକ, ସୋମନାଥ ଦାସ, ଜିତରାଣୀ ସେନାପତି, ବିଦ୍ୟୁଲତା ବେହେରା, ବାଳକୃଷ୍ଣ ଗମାଙ୍ଗ ପ୍ରମୁଖ ପରିଚାଳନା କରିଥିଲେ।

# ଆରଏସ୍ଏସ୍‌ର ପରିବାର ମିଳନ କାର୍ଯ୍ୟକ୍ରମ

ଗୁଣପୁର,୧୬।୨(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ସହର ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବତୋଟାରେ ଆର୍‌ଏସ୍ଏସ୍‌ର ପକ୍ଷରୁ ରବିବାର ପରିବାର ମିଳନ ତଥା ଶ୍ରୀ ଗୁରୁଜୀ ଶାଖାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗ ପ୍ରଚାରକ ସୁରେନ୍ଦ୍ର ପଣ୍ଡାଙ୍କ ସମେତ ମୁରଲୀଧର ବେହେରା, ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ କିପରି ଦେଶ ମାତୃକା ରକ୍ଷାଲାଗି କାମ କରୁଛି ସେ ନେଇ ଆଲୋଚନା ହୋଇଥିଲା। ଦେଶ ପାଇଁ ସ୍ୱୟଂ ସେବକମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଭୋଜିର ଆୟୋଜନ କରାଯାଇଥିଲା।

# ଆଇନ ସଚେତନତା ଶିବିର

ଗୁଣପୁର,୧୬।୨(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ବ୍ଲକ ଡମ୍ବସରା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ରବିବାର ତାଲୁକ ଆଇନ ସେବାସଂସ୍ଥା ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସବ୍‌ଜଜ୍ ସଙ୍ଗୀତା ମଲିକ, ଏସଡିଜେଏମ୍ ଅରୁନ୍ଧତୀ ଆଚାର୍ଯ୍ୟ, ଜେଏମ୍ଏଫ୍ସି ଦିପଙ୍କର ବଳ, ଆଇନଜୀବୀ ରମେଶ ଚନ୍ଦ୍ର ଲିମା ପ୍ରମୁଖ ଯୋଗଦେଇ ଥିଲେ। ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏଥିସହ ବିଭିନ୍ନ ଆଇନ ସମ୍ପର୍କରେ ମଧ୍ୟ ଉପସ୍ଥିତ ଅଧିକାରୀମାନେ ସୂଚନା ଦେଇଥିଲେ। ସରପଞ୍ଚ ମଧୁସୁଦନ ଶବର, ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ସୁଚିତ୍ରା ମହାପାତ୍ର, ଜିପିଇଓ ପତିତପାବନ ବିଶୋୟୀ ପ୍ରମୁଖ ମଞ୍ଚାସିନ ଥିଲେ। ଜିଆର୍‌ଏସ୍ ଅଜିତ ଚୌଧୁରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମୀନ କେତନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଅବ୍ୟବସ୍ଥାକୁ ବିରୋଧ କଲେ ବହିଷ୍କାର ଧମକ

ରାୟଗଡ଼ା ଅଫିସ,୧୬।୨




ବୈଠକରେ ଯୋଗ ଦେବାକୁ ଆସିଥିବା ସଫେଇ କର୍ମଚାରୀମାନେ।

## ସଫେଇ କର୍ମଚାରୀଙ୍କ ବୈଠକ

- ମିଳୁନି ସୁରକ୍ଷା ଉପକରଣ
- ୟୁନିଫର୍ମ, ପରିଚୟପତ୍ର ପାଇଁ ନିଆଯାଉଛି ଟଙ୍କା

ରାୟଗଡ଼ା ସଫେଇ କର୍ମଚାରୀଙ୍କ ଏକ ବୈଠକ ସ୍ଥାନୀୟ ପୌର ପରିଷଦର ପ୍ଲାନେଟାରିୟମରେ ରବିବାର ଅନୁଷ୍ଠିତ ହୋଇଛି। ଭାରତୀୟ ମଜଦୁର ସଂଘ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ଯୋଗଦେଇ ସଫେଇ କର୍ମଚାରୀଙ୍କ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଫେଇ କର୍ମଚାରୀଙ୍କୁ କୌଣସି ସୁରକ୍ଷା ଉପକରଣ ମିଳୁ ନ ଥିବା ନେଇ ସେମାନେ ଅଭିଯୋଗ କରିଥିଲେ। ଏହାଛଡ଼ା ୟୁନିଫର୍ମ, ପରିଚୟପତ୍ର ପାଇଁ ସେମାନଙ୍କଠାରୁ ଟଙ୍କା ନିଆଯାଉଥିବା ସଫେଇ କର୍ମଚାରୀମାନେ କହିଛନ୍ତି। ପିଏଫ କଟାଯାଉଥିଲେ ମଧ୍ୟ ରସିଦ ପ୍ରଦାନ କରାଯାଉନି ବୋଲି ସେମାନେ କହିଛନ୍ତି। ଏସବୁକୁ ବିରୋଧ କଲେ କାମରୁ ବହିଷ୍କାର କରାଯିବା ନେଇ ଧମକ ଦିଆଯାଉଛି ବୋଲି ସଫେଇ କର୍ମଚାରୀମାନେ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ, ପୌର ପରିଷଦ ଏବଂ ବିଭିନ୍ନ କ୍ଷେତ୍ରରେ ଥିବା ଠିକାଦାରଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ମଜଦୁର ସଂଘ ଜିଲା ସମ୍ପାଦକ ଖଗେଶ୍ୱର ସିଂ, ଉପସଭାପତି ମୋହନ ରାଓ ମାଝି ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ, ଘରୋଇ ଡାକ୍ତରଖାନା, ପୌରପରିଷଦ, ହୋଟେଲରେ କାମ କରୁଥିବା ୧୬୦ଜଣ ସଫେଇ କର୍ମଚାରୀ ବୈଠକରେ ଯୋଗ ଦେଇଥିଲେ।

